# ମୁଖବନ୍ଧ

ଏହି ପ୍ରତିବେଦନରେ ଦୁଇଟି ଭାଗ ଅନ୍ତର୍ଭୁକ୍ତ । **ଭାଗ କ** ରେ ଓଡ଼ିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅଧୀନରେ ଥିବା ବିଭାଗ ଏବଂ ସଂସ୍ଥା ଗୁଡ଼ିକର ସମୀକ୍ଷା ଫଳାଫଳ ଅନ୍ତର୍ଭୁକ୍ତ କରାଯାଇଛି । **ଭାଗ-ଖ** ସରକାରୀ ଉଦ୍ୟୋଗ ଯଥା:- ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ଓଡିଶା ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନାପ୍ରାପ୍ତ କିମ୍ବା ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀ ସମୂହର ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ବର୍ଷ ପାଇଁ ସମୀକ୍ଷାର ଫଳାଫଳ ସହିତ ଜଡିତ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 151 ଏବଂ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ 1971 ର ଧାରା 19 କ (ସଂଶୋଧନ ସହିତ) ଅନୁଯାୟୀ 31ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ରାଜ୍ୟ ବିଧାନସଭାରେ ଉପସ୍ଥାପନ ପାଇଁ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି ।

## ଭାଗ - କ: ଆର୍ଥିକ କ୍ଷେତ୍ର

ଏହି ପ୍ରତିବେଦନର **ଭାଗ-କ** ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଜଳସମ୍ପଦ ବିଭାଗର ସମ୍ପାଦନ ସମୀକ୍ଷା ଏବଂ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳ ଉପରେ ଆଧାରିତ।

## ଭାଗ-ଖ: ରାଜ୍ୟ ସରକାରୀ ଉଦ୍ୟୋଗ

ପ୍ରତିବେଦନର **ଭାଗ-ଖ** ରାଜ୍ୟ ସରକାରୀ ଉଦ୍ୟୋଗ ଯଥା:- ସରକାରୀ କମ୍ପାନୀ, ବୈଧାନିକ ନିଗମ ଏବଂ ଓଡିଶା ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ମାଲିକାନାପ୍ରାପ୍ତ କିମ୍ବା ନିୟନ୍ତ୍ରିତ ଅନ୍ୟାନ୍ୟ କମ୍ପାନୀ ସମୂହର ମାର୍ଚ୍ଚ 2020ରେ ସମାପ୍ତ ହେଉଥିବା ବର୍ଷ ପାଇଁ ସମୀକ୍ଷାର ଫଳାଫଳ ସହିତ ଜଡିତ। କମ୍ପାନୀ ଅଧିନିୟମ, 2013 ର ଧାରା 139 ଏବଂ 143 ଅନୁଯାୟୀ ସରକାରୀ କମ୍ପାନୀଗୁଡିକର ହିସାବ ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା କରାଯାଇଥାଏ। ବୈଧାନିକ ନିଗମଗୁଡିକର ସମୀକ୍ଷା ବ୍ୟବସ୍ଥା ସମ୍ପୃକ୍ତ ଅଧିନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ହୋଇଛି ଯାହା ମାଧ୍ୟମରେ ନିଗମ ଗୁଡିକ ପ୍ରତିଷ୍ଠିତ। ପ୍ରତିବେଦନର ଏହି ଭାଗଟି ଓଡିଶା ରାଜ୍ୟରେ ଥିବା 82ଟି ରାଜ୍ୟ ସରକାରୀ ଉଦ୍ୟୋଗ (ଏସ୍‌ପିଏସ୍‌ଇ) ସହିତ ସମ୍ପୃକ୍ତ, ଯାହାର ସମୀକ୍ଷା ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କୁ ଦିଆଯାଇଥିଲା।

ପ୍ରତିବେଦନରେ ଉଲ୍ଲେଖ କରାଯାଇଥିବା ଦୃଷ୍ଟାନ୍ତଗୁଡିକ 2019-20 ଅବଧି ପାଇଁ ସମୀକ୍ଷା ସମୟରେ ତଥା ପୂର୍ବ ବର୍ଷଗୁଡିକରେ ଦୃଷ୍ଟିଗୋଚର ହୋଇଥିଲା ଯାହାକି ପୂର୍ବ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇ ନଥିଲା। ଯେଉଁଠାରେ ପ୍ରଯୁଜ୍ୟ, 2019-20 ପରବର୍ତ୍ତୀ ଅବଧି ସହିତ ଜଡିତ ବିଷୟଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା କରାଯାଇଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।